# ଆଖୁଚାଷ ସମ୍ବନ୍ଧୀୟ ଜଳସେଚନ ସମନ୍ୱୟ ବୈଠକ

ଛତ୍ରପୁର,୧୪।୮ (ଦିଲୀପ ସାମଲ): ଗଞ୍ଜାମ ଜିଲାରେ ଆଖୁଚାଷ ପ୍ରତି ଚାଷୀ ମୁହଁ ଫେରାଇଲେଣି। ଜଳସେଚନଠାରୁ ଆରମ୍ଭ କରି ଆଖୁର ପ୍ରକୃତ ମୂଲ୍ୟ ମିଳୁନଥିବା ଏଭଳି ବିଭିନ୍ନ କାରଣ ନେଇ ଚାଷୀ ଆଖୁଚାଷ କରିବା ପାଇଁ ପଛାଉଛନ୍ତି। ବିଗତ ବର୍ଷ ଗୁଡିକରେ ଜିଲାରେ ୩ ହଜାରରୁ ଅଧିକ ହେକ୍ଟର ଜମିରେ ଆଖୁଚାଷ ହେଉଥିବା ବେଳେ ଏବେ ମାତ୍ର ୮୬୧.୬ ହେକ୍ଟର ଜମିରେ ଆଖୁଚାଷ କରାଯାଇଛି। ଜିଲାରେ ଆଖୁଚାଷକୁ ଅଧିକ ଗୁରୁତ୍ୱ ଦେବା ସହିତ ଚାଷୀଙ୍କୁ ଉପଯୁକ୍ତ ସୁବିଧାର ବ୍ୟବସ୍ଥା କରିବା ଏବଂ ବିଗତ ବର୍ଷ ଭଳି ଅଧିକରୁ ଅଧିକ ହେକ୍ଟରରେ ଆଖୁଚାଷ କରିବା ପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତ ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଆଖୁଚାଷ ସମ୍ବନ୍ଧୀୟ ଜଳସେଚନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ତୃଣମୂଳସ୍ତରରୁ ସଂଗୃହୀତ ତଥ୍ୟ ଅନୁସାରେ ମୁଖ୍ୟତଃ ଆଖୁଚାଷ ପାଇଁ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ


ବୈଠକରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜଳସେଚନର ଅଭାବ ରହିଛି। ଏହାସହିତ ଆଖୁଚାଷୀଙ୍କ ସେମାନଙ୍କ ଆଦାୟ ଫସଲର ଉପଯୁକ୍ତ ପ୍ରାପ୍ୟ ମିଳୁନାହିଁ। ଏହାସିହତ ଧାନ ଚାଷ ପାଇଁ ଯେଉଁଭଳି ଆଧୁନିକ ଯନ୍ତ୍ରପାତି ଏବଂ ଏମଏସ୍‌ପି ମୂଲ୍ୟ ବୃଦ୍ଧି କରାଯାଇଛି । ଆଖୁଚାଷ ପାଇଁ ଚାଷୀଙ୍କ ନିକଟରେ ଯନ୍ତ୍ରପାତିର ଅଭାବ ସହିତ ଧାନର ଏମ୍‌ଏସ୍‌ପି ଭଳି ଆଖୁର ଏମ୍‌ଏସ୍‌ପିକୁ ବୃଦ୍ଧି କରାଗଲେ ଚାଷୀ ଆଖୁଚାଷ ପ୍ରତି ଆଗ୍ରହ କରିପାରିବେ ବୋଲି କେଭିକେ ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଡଃ ସାନ୍ତୁନ କୁମାର ଶତପଥୀ ବୈଠକରେ ଜଣାଇଥିଲେ। ସେହିପରି ବୈଠକରେ ଆସିକା ଏସିଏସଆଇଏଲ ନିର୍ଦ୍ଦେଶକମାନେ ଚାଷୀଙ୍କ ନିମନ୍ତେ ବ୍ୟକ୍ତିଗତ ବୋରୱେଲ ସୁବିଧା କରିବା ସହିତ କେନାଲ ମାଧ୍ୟମରେ ଜଳସେଚନର ସୁବିଧା କରାଗଲେ ଚାଷୀ ଉପକୃତ ହୋଇପାରିବେ। ତେବେ ଆଖୁଚାଷ ପ୍ରତି ମୁହଁ ଫେରାଇଥିବା ଚାଷୀ ପୁଣି ଆଖୁଚାଷ କରିବା ପାଇଁ ଉତ୍ସାହିତ ହେବେ। ଜିଲାରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଭଳି ୧୫୪ଟି ଜଳସେଚନ ବ୍ୟବସ୍ଥା ରହିଛି। ଭୂତଳ ଜଳର ଅଭାବ ଯୋଗୁଁ ବିଶେଷ କରି ବର୍ଷାଜଳ ଉପରେ ଅଧିକ ନିର୍ଭର କରିବାକୁ ପଡିଥାଏ। ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ପାଇଁ ଚାଷୀ ପର୍ଯ୍ୟାପ୍ତ ପରିମାଣରେ ଆଖୁଚାଷ ପାଇଁ ଜଳସେଚନରୁ ବଞ୍ଚିତ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ଆଖୁଚାଷର ଚାହିଦାକୁ ବୃଦ୍ଧି କରିବା ପାଇଁ ଚାଷୀଙ୍କ ନିମନ୍ତେ ଯାହା ସବୁ ନିତାନ୍ତ ଆବଶ୍ୟକ ରହିଛି ତାହାର ଏକ ଖସଡା ପ୍ରସ୍ତୁତ କରିବା ସକାଶେ ଜିଲାପାଳ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ବିଗତ ବର୍ଷ ଭଳି ଜିଲାରେ ଆଖୁଚାଷରେ ସୁବ୍ୟବସ୍ଥା ଅଣାଯାଇପାରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଆସିକା ଚିନିକଳର ଏମଡି. ଡଃ ପ୍ରମୋଦ କୁମାର ପୃଷ୍ଟି, ପ୍ରବେସନାରୀ ଆଇଏଏସ ଅଫିସର ପ୍ରଣିତା ଦାଶ, ଆସିକା ଚିନିକଳ ସଭାପତି ରବୀନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ରବୀନାରାୟଣ ପଣ୍ଡା, ଆସିକା ଚିନିକଳର ମ୍ୟାନେଜର ପ୍ରଶାନ୍ତ କୁମାର ପାଢୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ଶିକାରୀ ଗିରଫ, ବନ୍ଧୁକ ଜବତ

ଆସିକା,୧୪।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ବନାଞ୍ଚଳର ଜଗତିପଡିଆ ନିକଟ ଝାଟିଆଖୋଲରେ ଶିକାର ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବନ୍ଧୁକ ଧରି ବୁଲୁଥିବା ୨ଜଣଙ୍କୁ ବନ କର୍ମଚାରୀମାନେ ଗିରଫ କରିଛନ୍ତି । ସେମାନେ ହେଲେ ଆସିକା ଏନଏସି କଳିଙ୍ଗା ରୋଡର ଏସ.ଶ୍ରୀନୁ ଏବଂ ଆନ୍ଧ୍ରପ୍ରଦେଶ ବିଜୟାନଗରମର ଜି. ନରେନ୍ଦ୍ର । ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୧୦୦ଟି ଛେରା ଓ ଗୋଟିଏ ବାଇକ୍ ଜବତ କରାଯାଇଛି । ସେମାନେ ଶିକାର କରିଥିବା ୨ଟି ବଣ କାପ୍ତା ପକ୍ଷୀ ମଧ୍ୟ ଜବତ କରାଯାଇଛି। ଉଭୟେ ଶିକାର କରୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ବନପାଳ ଶରତ ଚନ୍ଦ୍ର ବେହେରା ଏବଂ ବନରକ୍ଷୀ ଗୋପାଳ ଗୌଡ, ଗଣେଶ ସ୍ୱାଇଁ, ରଘୁନାଥ ସ୍ୱାଇଁ, ଦାମୋଦର ପଟ୍ଟନାୟକ ପ୍ରମୁଖ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ନଂ.୮୩/୨୪-୨୪ରେ ଏକ ମାମଲା ରୁଜୁ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଟିକିଟି,୧୪।୮(ପ୍ରକାଶ ଚନ୍ଦ୍ର ସାହୁ) କେ ନୂଆଗାଁ ଥାନା ଟିକିଟି ବ୍ଲକ ଅନ୍ତର୍ଗତ କୃଷ୍ଣପୁର ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିକିଟି ବ୍ଲକ କୃଷ୍ଣପୁର ଗ୍ରାମର କୈଳାସ ଚନ୍ଦ୍ର ପ୍ରଧାନ (୭୦)। ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଡାବରା ସିଙ୍ଗି ଗ୍ରାମର ଟୁନା ପ୍ରଧାନ ବ୍ରହ୍ମପୁର ଯାନବାହନ ନିୟନ୍ତ୍ରଣକାରୀ କର୍ମଚାରୀ ଅଟନ୍ତି। ସେ ନିଜର କାର୍ଯ୍ୟ ସାରି ରାତିରେ ଟିକିଟି ଦେଇ ନିଜ ଗ୍ରାମକୁ ଫେରୁଥିବା ବେଳେ କୃଷ୍ଣପୁର ଗ୍ରାମର କୈଳାସ ଚନ୍ଦ୍ର ପ୍ରଧାନ ଲିଆଖାଇ ଗ୍ରାମରୁ ନିଜ ଗ୍ରାମକୁ ଆସୁଥିବା ବେଳେ ପଛ ପଟୁ ବାଇକ୍ ଧକ୍କା ଦେଇଥିଲା। ଫଳରେ କୈଳାସ ଗୁରୁତର ଆହତ ହୋଇଥିଲେ। କେ ନୂଆଗାଁ ପୋଲିସ ପହଞ୍ଚି ବାଇକ୍‌ଟିକୁ ଜବତ କରିବା ସହିତ ବୃଦ୍ଧ କୈଳାସଙ୍କୁ ଟିକିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ସମୟରେ ବୁଧବାର କୈଳାସଙ୍କ ମୃତ୍ୟୁ ଘଟିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ କେ ନୂଆଗାଁ ଥାନାରେ ନଂ.୨୪୪/୨୪ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଶିକ୍ଷାବିତ୍ ଲିଙ୍ଗରାଜ ପଟ୍ଟନାୟକଙ୍କ ପରଲୋକ

ପାଟପୁର,୧୪।୮(ସୀମାଞ୍ଚଳ ସାହୁ) ଗଞ୍ଜାମ ଜିଲାର ବିଶିଷ୍ଟ ଶିକ୍ଷାବିତ ଲିଙ୍ଗରାଜ ପଟ୍ଟନାୟକଙ୍କ ବାର୍ଦ୍ଧକ୍ୟଜନିତ ରୋଗ ଯୋଗୁ ପରଲୋକ ହୋଇଛି। ଲିଙ୍ଗରାଜ ୧୯୬୩ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଗୌତମୀ ଉଚ୍ଚ ବିଦ୍ୟାଳୟରେ ନିଜ ଶିକ୍ଷକତା ଜୀବନ ଆରମ୍ଭ କରି ହଜାର ହଜାର ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି କରିଥିଲେ। ୧୯୯୩ରେ ସେ ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିଥିଲେ। ପଟ୍ଟନାୟକ ଖବରଦାତା ତଥା ଓୟୁଜେ ସାଙ୍ଗଠନିକ ସମ୍ପାଦକ ମନୋଜ ପଟ୍ଟନାୟକଙ୍କ ବାପା ଅଟନ୍ତି। ମୃତ୍ୟୁ ସମୟରେ ବଡ଼ ପୁଅ ଅବସରପ୍ରାପ୍ତ ଇଞ୍ଜିନିୟର କାଳିପ୍ରସାଦ ପଟ୍ଟନାୟକ, ମଝିଆ ପୁଅ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ପଟ୍ଟନାୟକ, ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ, ଶିକ୍ଷକ ତଥା କୋରାପୁଟ ଜିଲା ଓୟୁଜେ ସମ୍ପାଦକ ଅଶୋକ ପଟ୍ଟନାୟକ, ବୋହୂ ପଙ୍କଜିନୀ ପଟ୍ଟନାୟକ, ଲକ୍ଷ୍ମୀ ପଟ୍ଟନାୟକ, ପ୍ରଭାତୀ ପଟ୍ଟନାୟକ, ଝିଅ ଝୁନୁ ପଟ୍ଟନାୟକ, ସବିତା ପଟ୍ଟନାୟକ, ମମତା ପଟ୍ଟନାୟକ, ଜ୍ୱାଇଁ ଅଶୋକ ପଟ୍ଟନାୟକ ଏବଂ ସମସ୍ତ ନାତି ନାତୁଣୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଲାଗି ମହିଳା ଚାଷୀ ମୃତ୍ୟୁ ମାମଲାରେ ଜଣେ ଗିରଫ

ଭଞ୍ଜନଗର,୧୪।୮(ବାବୁଲା ପ୍ରଧାନ): ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଲାପଡ଼ାର ମୀନତି ସାମଲ ଗତ ୧୦ ତାରିଖରେ ସରଦାପୁରର ଏକ କୁକୁଡ଼ା ଫାର୍ମର ଜାଲି ବାଡ଼ରେ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏହି ମାମଲାରେ ପୋଲିସ ବୁଧବାର କୁକୁଡ଼ା ଫାର୍ମ କର୍ମଚାରୀ ଶଙ୍କର ପ୍ରଧାନଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମିନତୀ ଘଟଣାଦିନ ସରଦାପୁର କୌଣସି କାମରେ ଯାଇଥିଲେ। ଫେରିବା ବେଳେ ବାଟରେ ଏକ କୁକୁଡ଼ା ଫାର୍ମ ଆଡ଼େ କୌଣସି କାମରେ ଯାଇଥିଲେ। ଏହି ସମୟରେ କୁକୁଡ଼ା ଫାର୍ମ ମାଲିକ କିମ୍ବା ଅନ୍ୟ କିଏ କୁକୁଡ଼ା ଚୋରି ରୋକିବା ଏବଂ ବନ୍ୟ ପ୍ରାଣୀ ଦାଉରୁ କୁକୁଡାଗୁଡିକୁ ରକ୍ଷା ପାଇଁ ସନ୍ଧ୍ୟା ହେଲେ ତାର ବାଡ଼ରେ କରେଣ୍ଟ ଲଗାଇ ଦେଉଥିଲେ। ଉକ୍ତ ତାରରେ ଲାଗି ମିନତୀଙ୍କ ମୃତ୍ୟୁ ଘଟିଥିଲା। ମାଲିକଙ୍କ ନିର୍ଦ୍ଦେଶ କ୍ରମେ ମହିଳାଙ୍କ ଦେହରେ ଏବଂ ବାଡ଼ରେ ଲାଗିଥିବା ବିଦ୍ୟୁତ ତାର ବାହାର କରି ନଦୀରେ ନେଇ ଫୋପାଡି ଦେଇଥିଲେ। ଖବର ପାଇ ଭଞ୍ଜନଗର ପୋଲିସ ଘଟଣାର ତଦନ୍ତ କରିବା ପରେ ତାରଗୁଡ଼ିକୁ ନଦୀରୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଏନେଇ ଭଞ୍ଜନଗର ଥାନା ରେ ୭୨୪/୨୪ ରେ ଏକ ମାମଲା ରୁଜୁ ହୋଇଛି।

# ମହିଳା ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପାଠଚକ୍ର

ପାରଳାଖେମୁଣ୍ଡି, ୧୪।୮ (ଗିରିଧାରୀ ପରିଛା): ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଚଳିତ ଅଧ୍ୟାୟର ପ୍ରଥମ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷା ଡ଼. ରୀନା ସାହୁ, ମୁଖ୍ୟବକ୍ତା ଭାବେ ମୀନକେତନ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ଼. ଜି.ନାଗେଶର ରାଓ ଏବଂ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ଡ଼. କଲ୍ୟାଣୀ ମିଶ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡ଼ଃ ସାହୁ ଯୋଗାଯୋଗର ବିକାଶ ସାଂକେତିକ ମାଧ୍ୟମରୁ ଶାବ୍ଦିକ ମାଧ୍ୟମକୁ କିପରି ସଂକେତ, ଧ୍ୱନିଗତ, ଲିଖିତ ଆକାରରେ ହୋଇଥିଲା କହିବା ସହିତ ପାଠଚକ୍ର କିପରି ଏକ ମିଳିତ ଉଦ୍ୟମ ତାହାର ନିୟମ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଶିକ୍ଷା ବିଭାଗରର ଅଧ୍ୟାପିକା ଡ଼. କଲ୍ୟାଣୀ ମିଶ୍ର ସାମାଜିକ ଗଣମାଧ୍ୟମ ଶିକ୍ଷା କ୍ଷେତ୍ରରେ ଏକ ଅମୋଘ ଅସ୍ତ୍ର,ଏହି କ୍ଷେତ୍ରରେ ଇ.ଲାଇବ୍ରେରୀ, ଇ-ବୁକ କିପରି ସାହାଯ୍ୟ କରୁଛି ତାହା ଆଲୋଚନା କରିଥିଲେ। ଆଲୋଚନାର ସମୀକ୍ଷାତ୍ମକ ମତ ରଖିଥିଲେ ଶେଷବର୍ଷ ଛାତ୍ରୀ ପି.ରମ୍ୟା, ଯାମିନି ଶବର ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କା ଜେନା।

# ୩ ଲକ୍ଷ ଟଙ୍କା ଜରିମାନା ନ ଦେବାରୁ ବାସନ୍ଦ

## ଗୁଣିଆ ସନ୍ଦେହରେ ନିର୍ଯାତନା

ଦିଗପହଣ୍ଡି,୧୪।୮(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ କମଳାପୁର ଗ୍ରାମର ମୋହନ ଚରଣ ମଲ୍ଲିକଙ୍କୁ ଗୁଣିଆ ସନ୍ଦେହରେ ଗ୍ରାମର କେତେଜଣ ମାଡ଼ ମାରିବା ସହ ବିଭିନ୍ନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ଉପରେ ୩ ଲକ୍ଷ ଟଙ୍କା ଜରିମାନା ପକାଯାଇଛି। ଜରିମାନା ଦେଇ ନ ପାରିବାରୁ ତାଙ୍କ ପରିବାର ଲୋକଙ୍କୁ ଗ୍ରାମରୁ ତଡି ଦିଆଯାଇଥିବା ଘଟଣା ସାମ୍ନାକୁ ଆସିଛି। ଗତ କିଛିଦିନ ବ୍ୟବଧାନରେ ଗ୍ରାମର ଜଣେ ପରେ ଜଣେ ଏକାଧିକ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ଗୁଣି ଗାରେଡ଼ି ଓ ତନ୍ତ୍ର ମନ୍ତ୍ର ପ୍ରଭାବରୁ ଏପରି ହେଉଛି ବୋଲି ଗ୍ରାମବାସୀଙ୍କ ମନରେ ସନ୍ଦେହ ବସା


ଥାନାରେ ଏତଲା ଦେଇ ଫେରୁଛନ୍ତି ସୁଶୀଳା।

ବାନ୍ଧିଛି। ଏ ନେଇ ଗ୍ରାମସଭା କରାଯାଇ ମୋହନଙ୍କୁ ଡକାଯାଇଥିଲା। ଗ୍ରାମର କେତେଜଣ ସ୍ୱାମୀଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବାରୁ ସେ ଜୀବନ ବିକଳରେ କେଉଁଆଡେ ଫେରାର ହୋଇଯାଇଥିବା ମୋହନଙ୍କ ସ୍ତ୍ରୀ ସୁଶୀଳା ମଲ୍ଲିକ ବୁଧବାର ତାଙ୍କ ସମ୍ପର୍କୀୟଙ୍କ ସହ ଦିଗପହଣ୍ଡି ଥାନାକୁ ଆସି ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

# ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବୁଗୁଡା,୧୪।୮(କାଳିଚରଣ ଦାଶ) ବୁଗୁଡା ପିପୁଲ୍ସ କଲେଜ ସମ୍ମିଳନୀ କକ୍ଷରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଇକ୍ୟୁଏସି ସହଯୋଗରେ 'ପଲିଟିକାଲ୍ ପାର୍ଟିସ୍ ଆଣ୍ଡ୍ ଦି ଫ୍ୟୁଚର ଅଫ୍ ଇଣ୍ଡିଆନ୍ ଡେମୋକ୍ରାସି' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଶେଷ ବର୍ଷ ଛାତ୍ରୀ ଶିବାନୀ ରାଉତ ଓ ଛାତ୍ର ଶିବରାମ ଗୌଡ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିନୋଦ କୁମାର କର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ଅଧ୍ୟାପକ ଲୋକନାଥ ବେହେରା ବିବରଣୀ ପଠନ କରିଥିଲେ। ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକଦିବସୀୟ ଦକ୍ଷତା ବୃଦ୍ଧି ଶିବିର

ନୂଆଗଡ,୧୪।୮(ଯୋଗ୍ୟବନ୍ତ ପରିଛା) ନୂଆଗଡ଼ ବ୍ଲକ ସଦଭାବନା ଗୃହରେ ସମଗ୍ର ଶିକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନୂଆଗଡ଼ ବିଇଓ ନୟନ ମଣ୍ଡଳଙ୍କ ଦ୍ୱାରା ବୈଠକ ଆରମ୍ଭ କରାଯାଇଥିଲା। ନୂଆଗଡ଼ ବିଡିଓ ଲୋକନାଥ ଶବର ସମଗ୍ର ଶିକ୍ଷା ବିଷୟକୁ ନେଇ ତର୍ଜମା କରିବା ସହ ବିଇଓ ନୟନ ମଣ୍ଡଳ ସମଗ୍ର ଶିକ୍ଷାମାନେ କ'ଣ ତାହା ସ୍ପଷ୍ଟ ଭାବରେ ବୁଝାଇଥିଲେ। ଏହି ଏକ ଦିବସୀୟ ଦକ୍ଷତା ବୃଦ୍ଧି ଶିବିର ବା ସମଗ୍ର ଶିକ୍ଷା ନୂଆଗଡ ବ୍ଲକ ଅନ୍ତର୍ଗତ ଯେତେ ସବୁ ୟୁପି ସ୍କୁଲ୍, ପ୍ରାଇମେରି ସ୍କୁଲ୍, ହାଇସ୍କୁଲ ପ୍ରତ୍ୟେକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଏସ୍‌ଏଫ୍‌ଟି, ସିଏସ୍‌ଏମାନଙ୍କୁ ବୁଝାଇଥିଲେ। ପାରଳାଖେମୁଣ୍ଡିରୁ ବାବୁଲା ବିଷୋୟୀ ମଧ୍ୟ ସମଗ୍ର ଶିକ୍ଷାର କାର୍ଯ୍ୟ କିପରି କରାଯାଏ ତାହା ସିଏସ୍‌ଏ ମାନଙ୍କୁ କାଗଜପତ୍ର କିପରି ରେକର୍ଡରେ ସଜାଇ ରଖିବାକୁ ହେବ ତାହା ଡିଏସ୍‌ଏ କହିଛନ୍ତି। ବ୍ଲକର ଡିଏସ୍‌ଏ, ସ୍କୁଲ୍‌ର ପ୍ରଧାନ ଶିକ୍ଷକ ସିଏସ୍‌ଏ, ଏସ୍‌ଏଫ୍‌ଟି, ବିଡିଓ ବୈଠକରେ ଯୋଗ ଦେଇଥିଲେ। ନୂଆଗଡ଼ ବ୍ଲକର ଏବିୟୁ ଲିଙ୍ଗରାଜ କାର୍ଯୀଙ୍କ ଦ୍ୱାରା ବୈଠକ ସମାପ୍ତ ହୋଇଥିଲା।

# ମନ୍ଦିର ପୂଜକଙ୍କୁ ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୪।୮(ଅଶେଷ ନାଥ ମିଶ୍ର) -ଦିଗପହଣ୍ଡି ପୋଲିସ ବୁଧବାର କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମର ଟୁଲୁ ଓରଫ ରାଜେନ୍ଦ୍ର ଗୌଡ଼ଙ୍କୁ ଥାନା ମାମଲା ନଂ.୩୦୮/୨୪ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ତଦନ୍ତକାରୀ ପୋଲିସ ଅଧିକାରୀ ଏଏସ୍‌ଆଇ ନରସିଂହ ପାଣିଙ୍କ ସୂଚନା ପ୍ରକାରେ ଗତ ମଙ୍ଗଳବାର ବୋରିପଦର ଗ୍ରାମର ମା' କାଳୁଆ ମନ୍ଦିରର ପୂଜକ ବାଇନାଥ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ମନ୍ଦିରରେ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଏକ ଠେଙ୍ଗାରେ ବାଇନାଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ତ୍ରୀ ଛଡ଼ାଇବାରୁ ତାଙ୍କ ତଣ୍ଟିକୁ ଧରି ଟଣାଓଟରା କରିଥିଲେ। ଆଖପାଖରେ ଥିବା ଲୋକେ ଆସି ଛଡାଛଡି କରିଥିଲେ। ଠେଙ୍ଗା ମାଡ଼ରେ ବାଇନାଥଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଥାନାରେ ଏତଲା ଦେଇଥିଲେ। ଗତ ପ୍ରାୟ ୫ ମାସ ପୂର୍ବେ ଅଭିଯୁକ୍ତ ମନ୍ଦିର ପରିସରରେ ମଦ ପିଇ ଖାଲି ବୋତଲକୁ ମନ୍ଦିର ବେଢ଼ାରେ ଫିଙ୍ଗିଥିଲେ। ପୂଜକ ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବାସହ ଧମକ ଦେଇ ମାଡ଼ ମାରିଥିଲେ। ପୂଜକ ଜଣକ ଏନେଇ ଗ୍ରାମର ଭଦ୍ରଲୋକ ଏବଂ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନଙ୍କୁ ଜଣାଇଥିଲେ। ଗ୍ରାମସଭା କରାଯାଇ ଅଭିଯୁକ୍ତଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେ ସଭାରେ ନିଜର ଦୋଷ ସ୍ୱୀକାର କରିଥିଲେ। ଘଟଣାଦିନଠାରୁ ସେ ପୂଜକଙ୍କ ଉପରେ ଆକ୍ରୋଶ ରଖିଥିଲେ। ମଙ୍ଗଳବାର ସକାଳେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ତାଙ୍କୁ ମନ୍ଦିର ବେଢ଼ାରେ ପଶି ଆକ୍ରମଣ କରିଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

ଦିଗପହଣ୍ଡି/ପାଟପୁର,୧୪।୮(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ) ସାନଖେମୁଣ୍ଡି ବ୍ଲକ ଏରେଣ୍ଡା ଗ୍ରାମର ଜଣେ ମହିଳାଙ୍କ ବୁଧବାର ସକାଳେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉପେନ୍ଦ୍ର ବିଷୋୟୀଙ୍କ ସ୍ତ୍ରୀ ସଞ୍ଜୁ ବିଷୋୟୀ। ସଞ୍ଜୁ ସକାଳେ ଚାଷ ଜମିରେ କାମ କରୁଥିବା ସମୟରେ ତାଙ୍କ ବାମ ଗୋଡ଼କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍କାଉଟ୍ସ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ତହସିଲଦାରଙ୍କ ଦ୍ୱାରା ଜଣେ ସ୍କାଉଟ ଗାଇଡ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦିଗପହଣ୍ଡି,୧୪।୮(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ରାମଜୀ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିବା ମହାବିଦ୍ୟାଳୟ ସ୍କାଉଟ୍ସ ଓ ଗାଇଡ୍ସ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର ଅଧ୍ୟକ୍ଷତା କରିଥିଲେ। ଦିଗପହଣ୍ଡି ତହସିଲଦାର ଅନିତା କୁମାରୀ ସାହୁ, ବିଡିଓ ଡ. ଚିତ୍ତରଞ୍ଜନ ଦାସ, ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ, ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଧୀରଞ୍ଜନ ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍କାଉଟ୍ସ ପ୍ରଶିକ୍ଷାର୍ଥୀ ଛାତ୍ରୀଛାତ୍ରଙ୍କ ସମେତ ମହାବିଦ୍ୟାଳୟକୁ ଜାତୀୟ ମୂଲ୍ୟାୟନ ଅଧିସ୍ୱୀକୃତି ପରିଷଦ (ନାକ୍) ପକ୍ଷରୁ ମାନ୍ୟତା ପ୍ରାପ୍ତ କ୍ଷେତ୍ରରେ ସହଯୋଗ କରିଥିବା ଗଣିତ ଅଧ୍ୟାପକ କାହ୍ନୁ ଚରଣ ପାଢ଼ୀ ଏବଂ ରାଜନୀତି ବିଭାଗ ଅଧ୍ୟାପିକା ଇତିପ୍ରଭାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିଶାମୁକ୍ତ ଭାରତ ଅଭିଯାନ

ଆର.ଉଦୟଗିରି ୧୪।୮, (ମନୋଜ ପାଢୀ): ଆର.ଉଦୟଗିରି ବ୍ଲକ ସଭାଗୃହରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରଣ ଉଦୟଭାନୁ, ଶଶାଙ୍କ ଶେଖର ସୁବୁଦ୍ଧି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଶା ଜନିତ ବ୍ୟବହାର ଏବଂ ଏହାର ପରିଣତ କେତେ ଯେ ଭୟଙ୍କର ସେ ସଂପର୍କରେ ଆଲୋକପାତ କରିଥିଲେ। ଇତିହାସ




ବିଭାଗର ବରଷ୍ଠ ଅଧ୍ୟାପକ ନିଳାଞ୍ଚଳ ମହାପାତ୍ର ଡ୍ରଗସ ସେବନ, ଗଞ୍ଜେଇ ଆଦି ସେବନରୁ ନିବୃତ ରହିବା ସହ ସମାଜର ସଚେତନତା ଆଣିବାରେ ଯୁବପିଢି ଆଗେଇ ଆସିବା ଉଚିତ ବୋଲି କହିଥିଲେ। ମହେନ୍ଦ୍ରତନୟା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ରାଲି କରାଯାଇ ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବୈଠକ ହୋଇଥିଲା।

# ବର୍ଷା ପାଇଁ ବେଙ୍ଗବେଙ୍ଗୁଲୀ ନାଚ

ରମ୍ଭା,୧୪।୮(ବନବାସୀ ସେଠୀ) ରମ୍ଭା ମିଞ୍ଜିନି ପାଟଣାରେ ବର୍ଷା ପାଇଁ ନିଆରା ଢଙ୍ଗରେ ପାରମ୍ପରିକ ବେଙ୍ଗବେଙ୍ଗୁଲୀ ନାଚ ଏବଂ ଗିରି ପୂଜା କରାଯାଇଛି। ଶ୍ରାବଣ ମାସ ସରିବାକୁ ଗଲଣି ତଥାପି ଏହି ଅଞ୍ଚଳରେ ଟୋପାଏ ବର୍ଷା ନାହିଁ। ବିଲରେ ଧାନ ତଳି ପୋଡିବାରେ ଲାଗିଲାଣି। ଅସରାଏ ବର୍ଷା ପାଇଁ ଚାଷୀ ଅନେଇ ବସିଛନ୍ତି । ଏଭଳି ସ୍ଥିତିରେ ବର୍ଷା ପାଇଁ ଗ୍ରାମାଞ୍ଚଳଗୁଡିକରେ ବେଙ୍ଗ ବେଙ୍ଗୁଲି ନାଚ ଏବଂ ଗିରି ପୂଜା କରାଯାଉଛି। ବେଙ୍ଗ ରଡ଼ି ଛାଡିଲେ ବର୍ଷା ହେବ ବୋଲି ବହୁ ଆଗରୁ ଲୋକଙ୍କ ବିଶ୍ୱାସ ରହିଛି। ମିଞ୍ଜିନି ପାଟଣାରେ ଗ୍ରାମ ସଭାପତି ଆର. ସୋମନାଥ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଛି। ଜେ. ଲୋକନାଥ ପାତ୍ର, ଏ. କୃଷ୍ଣମାୟା ପାତ୍ର, ଆର. ନରସିଂହ ରେଡ୍ଡୀ, ଆଦିଗା ପାତ୍ର, ତ୍ରିନାଥ, ଚେନେୟା, ଜେ. ଗଙ୍ଗା ପାତ୍ର, ଅୟାନା ପାତ୍ର, ସୀମାଦ୍ରୀ ପାତ୍ର ପ୍ରମୁଖ ଗିନି ମୃଦଙ୍ଗ ଧରି ଘର ଘର ବୁଲିଥିଲେ।

# ଏମ୍‌ପିସିଏସ୍‌ର ବାର୍ଷିକ ସାଧାରଣ ସଭା

ଆସିକା,୧୪।୮(ସୁରେନ୍ଦ୍ର ନାଥ ସାହୁ) ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି (ଏମ୍‌ପିସିଏସ୍)ର ବାର୍ଷିକ ସାଧାରଣ ସଭା ବୁଧବାର ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି କାର୍ତ୍ତିକେଶ୍ୱର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା ପରିଷଦର ଉପସଭାନେତ୍ରୀ ମାମି ପଣ୍ଡା, ଡାଇରେକ୍ଟର ଇଂ. ସଚ୍ଚିଦାନନ୍ଦ ରାଉତ, ରବୀନ୍ଦ୍ର କୁମାର ସାମଲ, ଅଶ୍ୱିନୀ କୁମାର ବିଷୋୟୀ, ଭଗବାନ ବେହେରା, ଏ. ସନ୍ତୋଷ କୁମାର ପାତ୍ର, ରିଙ୍କି ପୋଲାଇ,



କେ. ଚିତ୍ରସେନ ରେଡ୍ଡୀ, ନିରୁପମା ନାୟକ, ତାରିଣୀ ଚରଣ ଦାଶ, ମନୋଜ କୁମାର ପ୍ରଧାନ, ସୁଜାତା ଉପାଧ୍ୟାୟ, ନାର୍ଣ୍ଣୁ ନାୟକ, ସୂର୍ଯ୍ୟନାରାୟଣ ପ୍ରଧାନ ଏବଂ ସମିତିର କ ଓ ଖ ଶ୍ରେଣୀ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ । ସମିତିର ଭାରପ୍ରାପ୍ତ ସମ୍ପାଦକ ଅଲେଖନାଥ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗତ ସାଧାରଣ ବୈଠକର ଅଧିବେଶନର ନିର୍ଦ୍ଧାରଣଗୁଡିକ ପଠନ ଓ ଦୃଢ଼ୀକରଣ କରାଯାଇଥିଲା । ୨୦୨୩-୨୪ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ସହ ଜମାଖର୍ଚ୍ଚ, ପଠନ ଓ ଦୃଢ଼ୀକରଣ କରାଯାଇଥିଲା। ଏଥିସହ ଏହି ଆର୍ଥିକ ବର୍ଷର ଅତିରିକ୍ତ ବଜେଟ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା କରିବା ଉପରେ ଆଲୋଚନା କରାଯାଇଥିଲା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ବଜେଟ ଅଟକଳ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏକଦା ସମଗ୍ର ଏସିଆ ମହାଦେଶରେ ବାଣିଜ୍ୟିକ ସମବାୟ ସମିତି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଏମପିସିଏସର ପରିସ୍ଥିତି ବର୍ତ୍ତମାନ ଯଦିଓ ସେଭଳି ନାହିଁ ତଥାପି ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ସଭାପତି ପରିଡା ସୂଚନା ଦେଇଛନ୍ତି । ଏଥିସହ ସମିତିର ଖାଲି ପଡିଥିବା ଜାଗାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଚାଷୀଙ୍କ ଉତ୍ପାଦିତ ଫସଲର ସୁରକ୍ଷା ଲାଗି ଶୀତଳ ଭଣ୍ଡାର ନିର୍ମାଣ, ନାଫେଡ ସହ ଚୁକ୍ତିବଦ୍ଧ ହୋଇ ଉପଯୁକ୍ତ ମୂଲ୍ୟରେ ଆଳୁ ବିକ୍ରୟ ଲାଗି ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଥିଲେ।

